# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20 August– 2026**

# ମୁଖ୍ୟମନ୍ତ୍ରୀ–ନିର୍ଦ୍ଦେଶ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆଉ ଏକ ମେଡ଼ିସିନ୍ ବ୍ଲକ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ କାର୍ଯ୍ୟର ବୈଠକରେ ଅଧକ୍ଷତା କରି ନୂଆ ମେଡ଼ିସିନ୍ ବ୍ଲକ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ କ୍ଲିନିକାଲ ବ୍ଲକ ଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ବହୁତଳ କାର୍ ପାର୍କିଂ ନିର୍ମାଣ ଏବଂ ମେଡ଼ିକାଲର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

# ଆମ ସାଥୀ ହ୍ୱାଟ୍ସଆପ୍ ଚାର୍ଟବଟ୍ ବ୍ୟବସ୍ଥା

ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଦାଖଲ ଓ ସ୍ଥିତି ଅନୁସରଣ ପାଇଁ ରାଜ୍ୟ ସରକାର ଆମ ସାଥୀ ହ୍ୱାଟ୍ସଆପ୍ ଚାର୍ଟବଟ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ବ୍ୟବସ୍ଥାର ଶୁଭାରମ୍ଭ କରି, ରାଜସ୍ୱ ସେବା ଜନସାଧାରଣଙ୍କ ଆହୁରି ନିକଟତର ହେବା ସହ ସ୍ୱଚ୍ଛ,

ପାରଦର୍ଶୀ ତଥା ଉତ୍ତରଦାୟୀ ହେବ ବୋଲି କହିଛନ୍ତି । ସୂଚନା ଅନୁଯାୟୀ ଏହି ହ୍ୱାଟ୍ସଆପ୍ ବ୍ୟବସ୍ଥା ମାଧ୍ୟମରେ ଅଭିଯୋଗକାରୀମାନେ ନିଜେ ଚାହୁଁଥିବା ବିଭାଗ ଚୟନ କରି ଆବଶ୍ୟକ ବିବରଣୀ ଓ ଦସ୍ତାବିଜ୍ ଦାଖଲ କରିପାରିବେ । ପରେ ଆବଶ୍ୟକତା ଅନୁଯାୟୀ ଅଭିଯୋଗକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ । ଜନସାଧାରଣ ୯୪୩୭୨-୯୨୦୦୦ ହ୍ୱାଟ୍ସଆପ୍ ନମ୍ବରରେ ନିଜର ଅଭିଯୋଗ ଦାଖଲ କରିପାରିବେ ।

# ମୁଖ୍ୟଶାସନ ସଚିବ-ସମୀକ୍ଷା

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଭୁବନେଶ୍ୱର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ୨୧ଟି ବିଭାଗର ବ୍ୟବସାୟିକ ସଂସ୍କାରମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀମତୀ ଗର୍ଗ ସମ୍ପୂର୍ଣ୍ଣ ହୋଇନଥିବା ଅନ୍‌ଲାଇନ୍ ପୋର୍ଟାଲର ବିକାଶ, ବିଭିନ୍ନ ପ୍ରଣାଳୀର ସମନ୍ୱୟ ଏବଂ ଅନ୍ୟାନ୍ୟ ସାର୍ବଜନୀନ ବ୍ୟବସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବ୍ୟବସାୟୀ ମାନଙ୍କ ପାଇଁ ସଂସ୍କାର ସମ୍ପର୍କିତ ଆବଶ୍ୟକତା ଗୁଡ଼ିକୁ ସରଳ ଏବଂ ସ୍ୱଚ୍ଛ ଭାବେ ଡିଜିଟାଲ ସେବାରେ ପରିଣତ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଚଳିତମାସ ଶେଷ ସୁଦ୍ଧା ସମସ୍ତ ସୂଚନା ପ୍ରଯୁକ୍ତି ଭିତ୍ତିକ ସଂସ୍କାରକୁ କାର୍ଯ୍ୟକାରୀ କରିବାକୁ ସମୟଧାର୍ଯ୍ୟ କରାଯାଇଛି ।

# ପଞ୍ଜିକରଣ-ସମୟସୀମା

ରାଜ୍ୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧୀନରେ ପଞ୍ଜିକରଣ ଓ ସଂଶୋଧନ ପାଇଁ ଦାବି ଓ ଆପତ୍ତି ଦାଖଲର ସମୟସୀମା ଗତକାଲି ଶେଷ ହୋଇଛି । ସୂଚନା ଅନୁଯାୟୀ ଆସନ୍ତମାସ ୧୭ତାରିଖ ସୁଦ୍ଧା ସମସ୍ତ ଦାବି ଓ ଆପତ୍ତିର ସମାଧାନ କରାଯାଇ ୨୧ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଇତିମଧ୍ୟରେ ମୋଟ ୫୮ଲକ୍ଷ ୩୬ହଜାର ୪୩୦ଜଣ ଭୋଟରଙ୍କୁ ନୋଟିସ ଜାରି କରାଯାଇଥିବାବେଳେ ୫୪ଲକ୍ଷ ୨୧ହଜାର ୮୭୨ଜଣ ଭୋଟରଙ୍କୁ ଭୋଟର ତାଲିକାର ବଜାୟ ରଖାଯାଇଛି ।

# ଅନୁ ଗର୍ଗ-ଗୁରୁତ୍ୱାରୋପ

ହୀରାକୁଦକୁ ଏକ ସ୍ଥାୟୀ ଏବଂ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଲାଗି ରାଜ୍ୟ ସରକାର ଭିତ୍ତିଭୂମି ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଲୋକସେବା ଭବନରେ ହୀରାକୁଦ ଅଞ୍ଚଳରେ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ବିଧାୟକ-ଆଲୋଚନା

ବିଧାୟକ ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ବିଧାନସଭା ଗୃହକମିଟି ନୟାଗଡ ଜିଲ୍ଲା ଗସ୍ତ କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ସୁଫଳ ପହଞ୍ଚାଇବା ଉପରେ ଆଲୋଚନା କରିଛନ୍ତି । ଅନୁଷ୍ଠିତ ବୈଠକରେ କମିଟି ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ପାର୍କ ଓ ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ସଂଯୋଗୀକରଣ ରାସ୍ତା ନିର୍ମାଣ ଉପରେ ଆଲୋଚନା କରିଥିବା ଜଣାପଡିଛି ।

## ଗୃହ କମିଟି

ରାଜ୍ୟ ବିଧାନସଭାର ଗୃହ କମିଟି (ଉପସ୍ଥାପନ) ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯିବେ । କମିଟିର ଅଧ୍ୟକ୍ଷ ତଥା ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହିତ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ । କମିଟି ସଦସ୍ୟମାନେ ଋଷିକୁଲ୍ୟା ନଦୀ ଉପରେ ନିର୍ମିତ ଚେକ୍‌ଡ୍ୟାମ୍, ବିଭିନ୍ନ ଜଳସେଚନ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି ।

## ଉଲ୍ଲାସ କର୍ମଶାଳା

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ପିଏମ୍‌ଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ବ୍ଲକସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ କର୍ମଶାଳା ଉଦ୍‌ଯାପିତ ହୋଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ଆବଶ୍ୟକତା ଓ ଉଲ୍ଲାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ନିରକ୍ଷରତା ଦୂରୀକରଣ ପାଇଁ ବିଧାୟକ ଶ୍ରୀ ନାୟକ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ ।

## ଲାଖ ହସ୍ତଶିଳ୍ପ ସାମଗ୍ରୀ

ନବରଙ୍ଗପୁରର ଲାଖ ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର-ପ୍ରସାର ପାଇଁ ବଜାର ଯୋଗାଇଦେବାକୁ ଡାକ ବିଭାଗ ସହାୟତା କରିବ । ଡାକବିଭାଗ ପକ୍ଷରୁ କୋରାପୁଟ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ ଲାଖ ହସ୍ତଶିଳ୍ପୀ ପ୍ରଭାତୀ ପାତ୍ରଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି । ଫଳରେ ଲାଖ ହସ୍ତଶିଳ୍ପୀଙ୍କ ପ୍ରସ୍ତୁତ ସାମଗ୍ରୀ ଆଗାମୀ ଦିନରେ ଅଧିକ ଲୋକଦୃତ ହେବ ବୋଲି ଆଶା କରାଯାଉଛି ।

# ବନ୍ୟା ପ୍ରଭାବିତ

ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର ୬୮ଟି ଗ୍ରାମପଞ୍ଚାୟତର ୧୫୫ଟି ଗାଁ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡର ୨ଲକ୍ଷ ୪୦ହଜାର ୪୬୦ଜଣ ପ୍ରଭାବିତ ହୋଇଛନ୍ତି । ବନ୍ୟା ପ୍ରଭାବିତଙ୍କୁ ରିଲିଫ ଯୋଗାଇ ଦିଆଯାଉଛି । ୧୦ଟି ଆଶ୍ରୟ କେନ୍ଦ୍ରରେ ୧ହଜାର ୭୩୫ଜଣ ଆଶ୍ରୟ ନେଇଥିବାବେଳେ ୨୨ଟି ମାଗଣା ରନ୍ଧନ କେନ୍ଦ୍ର ଖୋଲାଯାଇଛି । ୧୨ଟି ମେଡ଼ିକାଲ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି । ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୁଳସାହି ଆବାସିକ ଆଶ୍ରମରେ ଥିବା ୨୩୩ଜଣ ଅନ୍ତେବାସୀ ଓ କର୍ମଚାରୀଙ୍କୁ ଗତକାଲି ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ଗତ ସଂଧ୍ୟାରେ ରାଜକନିକା ବ୍ଲକର ବୈତରଣୀ ନଦୀର ଗୁଣ୍ଡଳ-କନପୁର ରାସ୍ତାରେ ଘାଇ ସୃଷ୍ଟି ହୋଇ ୪ଟି ଗାଁ ଜଳମଗ୍ନ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଏବଂ ପୁନଃଉଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଆଜି ୫ଟି ବ୍ଲକର ୧୨୬ଟି ସ୍କୁଲକୁ ବନ୍ଦ ରଖିବା ଲାଗି ଜିଲ୍ଲାପାଳ ଘୋଷଣା କରିଛନ୍ତି ।